بِسۡمِ اللّٰہِ الرَّحۡمٰنِ الرَّحِیۡمِ

୯ ଅକ୍ଟୋବର ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ଼୍

# ଅଲ୍ଲାଃତାଲାଙ୍କ ଉପରେ ପୂର୍ଣ୍ଣ ଭରସା କରିବା ପରିପ୍ରେକ୍ଷୀରେ ଯୁଗାବତାର ହଜରତ ମସିହ ମଉଦ[ଅ.ସ]ଙ୍କର ପବିତ୍ର ଓ ଆଦର୍ଶମୟ ଜୀବନୀ ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିରରଜିମ୍ । ବିସ୍‌ମିଲ୍ଲା ହିରରହେମା ନିରରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅରରହମା ନିରରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଯୁଗାବତାର ହଜରତ ମସିହ ମଉଦ[ଅ.ସ]ଙ୍କ **ତଓ୍ୱକୁଲ୍** (ଅଲ୍ଲାଃତାଲାଙ୍କ ଉପରେ ଭରସା)ର ଘଟଣା ଚର୍ଚ୍ଚା କରି ହଜରତ ମିର୍ଜା ବଶିର୍ ଅହମଦ ସାହେବ[ର.ଅ] ବର୍ଣ୍ଣନା କରନ୍ତି, ଡ଼ାକ୍ତର ମୀର ମୁହମ୍ମଦ ଇସମାଇଲ୍ ସାହେବ[ର.ଅ] କହିଲେ; ଚିକିତ୍ସା କ୍ଷେତ୍ରରେ ହୁଜୁର[ଅ.ସ]ଙ୍କର ଏହି ପନ୍ଥା ଥିଲା ଯେ ସେ କେବେ ମଧ୍ୟ ଗୋଟିଏ ପ୍ରକାରର ଚିକିତ୍ସା କରୁ ନଥିଲେ । ବରଂ ଗୋଟିଏ ରୋଗ ପାଇଁ ଇଂରାଜୀ ଔଷଧ ସହିତ ୟୁନାନୀ ଔଷଧ ମଧ୍ୟ ଦେଉଥିଲେ । ଆଉ ଯେକେହି କୌଣସି ହିତକର କଥା କହିଲେ ସେ ତାହା ଉପରେ କାର୍ଯ୍ୟକାରୀ କରୁଥିଲେ । ଯଦି କାହାକୁ ସ୍ୱପ୍ନରେ କିଛି ଜ୍ଞାନ ପ୍ରାପ୍ତ ହୋଇଥାଏ, ତେବେ କେତେକ ସମୟରେ ସେ ତାହା ଉପରେ ମଧ୍ୟ କାର୍ଯ୍ୟକାରୀ କରୁଥିଲେ । ଏଥିସହିତ ପ୍ରାର୍ଥନା ବି କରୁଥିଲେ ଓ ଏକା ସମୟରେ ଡ଼ାକ୍ତର ଓ ହକିମମାନଙ୍କ ସହିତ ପରାମର୍ଶ ମଧ୍ୟ କରୁଥିଲେ । ଚିକିତ୍ସା ଶାସ୍ତ୍ରର ପୁସ୍ତକ ଦେଖି ଚିକିତ୍ସା ବି କରୁଥିଲେ । ବସ୍ତୁତଃ ସେ ଚିକିତ୍ସାକୁ ଏକ ମିଶ୍ରଣ କରି ଦେଉଥିଲେ, କିନ୍ତୁ ତାଙ୍କର ପ୍ରକୃତ ଭରସା କେବଳ ସର୍ବଶକ୍ତିମାନ ଅଲ୍ଲାଃତାଲାଙ୍କ ଉପରେ ହିଁ ରହୁଥିଲା ।

ନବୀ ଓ ସାଧାରଣ ମଣିଷର ଅସ୍ଥିରତା ମଧ୍ୟରେ ପାର୍ଥକ୍ୟକୁ ସ୍ପଷ୍ଟ କରି ହୁଜୁର[ଅ.ସ] କହିଛନ୍ତି, ଯଦିଓ ମନୁଷ୍ୟକୁ ମାନବୀୟ ଆବଶ୍ୟକତା ଅନୁସାରେ ଚିନ୍ତା ବା ଅସ୍ଥିରତା ହୋଇଥାଏ । କିନ୍ତୁ ଏହା ମାନବର ସ୍ୱଭାବ ଏବଂ ସମସ୍ତ ଅବତାରଗଣ ମଧ୍ୟ ଏଥିରେ ସାମିଲ ଅଛନ୍ତି । ଯେପରିକି ବଦର୍ ଯୁଦ୍ଧ ସମୟରେ ମହାନ ଅବତାର ହଜରତ ମୁହମ୍ମଦ[ସ.ଅ]ଙ୍କୁ ଅସ୍ଥିରତା ଓ ବ୍ୟଗ୍ରତା ଘାରିଥିଲା । ସାଧାରଣ ଲୋକ ଓ ନବୀମାନଙ୍କ ମଧ୍ୟରେ ପ୍ରଭେଦ ଏହା ଯେ ସାଧାରଣ ଲୋକଙ୍କ ପରି ନବୀମାନଙ୍କର ଅସ୍ଥିରତାରେ କେବେ ବି ନୈରାଶ୍ୟ ଆସି ନଥାଏ । ସେମାନଙ୍କର ଏହି ଦୃଢ଼ ବିଶ୍ୱାସ ଥାଏ ଯେ ଈଶ୍ୱର କେବେ ବି ସେମାନଙ୍କୁ ନଷ୍ଟ କରିବେ ନାହିଁ । ହୁଜୁର[ଅ.ସ] କହିଛନ୍ତି; ମୋର ନିଜର ଅବସ୍ଥା ଏହା ଯେ ଯଦି ମୋତେ ଜଳୁଥିବା ନିଆଁରେ ମଧ୍ୟ ନିକ୍ଷେପ କରିଦିଆଯାଏ ତେବେ ମଧ୍ୟ ଏହି ବିଶ୍ୱାସ ରହିବ ଯେ ମୁଁ କେବେ ବି ନଷ୍ଟ ହେବି ନାହିଁ । ଅସ୍ଥିରତା ତ ନିଶ୍ଚୟ ହେବ ଯେ ଏହା ଏକ ଦହନଶୀଳ ନିଆଁ ଓ ଏଥିରେ ମଣିଷ ଜଳିଯାଏ, କିନ୍ତୁ ଏହି ଆଶା ଥାଏ ଯେ ଏବେ ହିଁ ବାଣୀ ଅବତୀର୍ଣ୍ଣ ହେବ ଯେ ହେ ଅଗ୍ନି ! ତୁ ଇବ୍ରାହିମ୍ ପାଇଁ ଶୀତଳ ହୋଇଯା ଓ ତାଙ୍କ ପାଇଁ ନିରାପଦର କାରଣ ପାଲଟିଯା । କିନ୍ତୁ ଅନ୍ୟ ଲୋକମାନଙ୍କ ଅସ୍ଥିରତାରେ ନୈରାଶ୍ୟ ଥାଏ । ଯେଉଁମାନଙ୍କର ଈଶ୍ୱର-ବିଶ୍ୱାସ ନଥାଏ, ସେମାନେ ନିରାଶ ହୋଇଯାନ୍ତି, ଈଶ୍ୱରଙ୍କ ଉପରେ ସେମାନଙ୍କର ଭରସା ନଥାଏ । ଏହା **କୁଫର୍** (ଅବିଶ୍ୱାସ), ଏହି ଅବସ୍ଥା ହିଁ **କୁଫର୍** । ତେଣୁ ବ୍ୟାକୁଳତା ବା ଅସ୍ଥିରତା ସମୟରେ ଯେପରି ଅଲ୍ଲାଃତାଲାଙ୍କ ଉପରେ ଭରସା ନବୀମାନଙ୍କର ବିଶେଷ ଗୁଣ, ସେହିପରି ଜଣେ **ମୋମିନ୍** (ବିଶ୍ୱାସୀ)କୁ ମଧ୍ୟ ଉଚିତ୍ ଯେ ସେ ନବୀମାନଙ୍କର ଓ ବିଶେଷ କରି ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ **ସୁନ୍ନତ୍** ଅନୁସରଣ କରି ନୈରାଶ୍ୟକୁ ନିଜ ପାଖକୁ ଆସିବାକୁ ଦେବ ନାହିଁ । ଅସ୍ଥିରତା ସମୟରେ ମଧ୍ୟ ଅଲ୍ଲାଃତାଲାଙ୍କ ଉପରେ ପୂର୍ଣ୍ଣ ଭରସା

ରହିବା ଦରକାର । ସାଧନଗୁଡ଼ିକର ବ୍ୟବହାର କରି, ପ୍ରାର୍ଥନା ଉପରେ ଜୋର ଦିଆଯାଉ ଓ ତା'ପରେ ଅଲ୍ଲାଃତାଲାଙ୍କ ଉପରେ ଭରସା ରଖ । ହୁଜୁର[ଅ.ସ] ମୋମିନ୍‌ମାନଙ୍କୁ ବି ଏହି ଉପଦେଶ ଦେଇଛନ୍ତି, ଯେ ମୋମିନ୍‌ର ମଧ୍ୟ ଏହି କାମ ଯେ ସେ ଅଲ୍ଲାଃଙ୍କ ଉପରେ ଭରସା ରଖିବା ସହିତ ଏପରି ଭାବରେ ନିରାଶ ହେବା ଉଚିତ୍ ନୁହେଁ ।

ହଜରତ ମିର୍ଜା ବଶିର୍ ଅହମଦ ସାହେବ[ର.ଅ] ଲେଖିଛନ୍ତି, ମୁନ୍‌ସୀ ଜଫର୍ ଅହମଦ ସାହେବ କପୁରଥଲୱୀ[ର.ଅ] ବର୍ଣ୍ଣନା କରିଛନ୍ତି; ଜଲ୍‌ସା ସାଲାନା ଅବସରରେ ଆର୍ଥିକ ଅଭାବ କାରଣରୁ ହଜରତ ମୀର୍ଜା ସାହେବ ଅତିଥିମାନଙ୍କ ପାଇଁ ନିଜ ପତ୍ନୀଙ୍କର ଅଳଙ୍କାର ବିକ୍ରି କରି ଅବା ବନ୍ଧକ ରଖି ବ୍ୟବସ୍ଥା କରିଥିଲେ । ଦୁଇ ଦିନ ପରେ ଯେତେବେଳେ ପୁନର୍ବାର ଅର୍ଥ ସଙ୍କଟ ଦେଖାଦେଲା ସେତେବେଳେ ହୁଜୁର[ଅ.ସ] କହିଲେ; **ଏବେ ଯାହାଙ୍କର ଅତିଥି ସେ ନିଜେ ହିଁ ତାଙ୍କର ବ୍ୟବସ୍ଥା କରିବେ** । ତା'ପରଦିନ ସକାଳେ ବିଭିନ୍ନ ସ୍ଥାନରୁ ପଚାଶ ଓ ଶହେ ଟଙ୍କାର ଅନେକ ମନି ଅର୍ଡ଼ର ପ୍ରାପ୍ତ ହେଲା । ଏହି ଘଟଣାରୁ ଏହି ଶିକ୍ଷା ମିଳେ ଯେ ଯେଉଁମାନେ ଅଲ୍ଲାଃତାଲାଙ୍କ ଉପରେ ପୂର୍ଣ୍ଣ ଭରସା କରନ୍ତି, **ସେମାନଙ୍କୁ ଆବଶ୍ୟକତା ସମୟରେ ତାଙ୍କ ତରଫରୁ ଅଦୃଶ୍ୟରୁ ସାହାଯ୍ୟ ମିଳିଥାଏ** ।

ଜମାଅତର ପ୍ରଥମ ଖଲିଫା ହଜରତ ହକିମ୍ ମୌଲବୀ ନୁରୁଦ୍ଦିନ୍ ସାହେବ[ର.ଅ] ବର୍ଣ୍ଣନା କରନ୍ତି, ହୁଜୁର[ଅ.ସ] କହୁଥିଲେ; କେହି ଏଥିରେ ଆନନ୍ଦିତ ଯେ ମୋ ପାଖରେ ଧନ ଅଛି, ଆଉ କେହି ଏଥିରେ ସନ୍ତୁଷ୍ଟ ଓ ନିର୍ଶ୍ଚିନ୍ତ ଯେ ମୋର ବହୁତ ସନ୍ତାନସନ୍ତତି ଅଛନ୍ତି । ପୁଣି କିଏ ଏଥିପାଇଁ ଗର୍ବ କରେ କି ମୋର ବହୁତ ଲୋକବଳ (ଅର୍ଥାତ୍ ସମର୍ଥକ) ରହିଛନ୍ତି । କିନ୍ତୁ ମୁଁ ଏଥିପାଇଁ ଆନନ୍ଦିତ ଯେ ମୋର ଯେଉଁ ଈଶ୍ୱର, ସେ ସର୍ବଶକ୍ତିମାନ । ହଜରତ ମସିହ ମଉଦ[ଅ.ସ] କହିଛନ୍ତି; ପ୍ରକୃତ **ରିଜିକ୍** (ଜୀବିକା) ପ୍ରଦାନକାରୀ କେବଳ ଅଲ୍ଲାଃତାଲା । ଯେଉଁ ବ୍ୟକ୍ତି ତାଙ୍କ ଉପରେ ଭରସା କରେ ସେ କେବେ ମଧ୍ୟ **ରିଜିକ୍‌**ରୁ ବଞ୍ଚିତ ହୋଇପାରିବ ନାହିଁ । ସେ ସମସ୍ତ ପ୍ରକାରରେ ଓ ପ୍ରତ୍ୟେକ ସ୍ଥାନରୁ ତାଙ୍କ ଉପରେ ଭରସା କରୁଥିବା ବ୍ୟକ୍ତିଙ୍କ ପାଇଁ **ରିଜିକ୍** ପହଞ୍ଚାଇଥା'ନ୍ତି । ଅଲ୍ଲାଃତାଲା କହିଛନ୍ତି; ଯେଉଁ ବ୍ୟକ୍ତି ମୋ ଉପରେ **ତୱକ୍କୁଲ୍** କରିବ ମୁଁ ତାଙ୍କ ପାଇଁ ଆକଶରୁ ବର୍ଷାଇଥାଏ, ପାଦତଳୁ ବାହାର (ଅର୍ଥାତ୍ ନିର୍ଗତ) କରିଥାଏ । ସୁତରାଂ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସେହି ପରମ ଦୟାମୟ ଅଲ୍ଲାଃତାଲାଙ୍କ ଉପରେ ଭରସା କରିବା ଉଚିତ୍ ।

ହଜରତ ଶେଖ ୟାକୁବ୍ ଅଲୀ ଇର୍‌ଫାନୀ ସାହେବ[ର.ଅ] ବର୍ଣ୍ଣନା କରନ୍ତି, ହଜରତ ମିର୍ଜା ବଶିରୁଦ୍ଦିନ୍ ମହେମୁଦ୍ ଅହମଦ ସାହେବ[ର.ଅ]ଙ୍କ ଶୈଶବ କାଳରେ ହଜରତ ମସିହ ମଉଦ[ଅ.ସ] ତାଙ୍କୁ ଏକ ବିଶ୍ୱାସବର୍ଦ୍ଧକ କାହାଣୀ ଶୁଣାଇଲେ । ତାହା ଏହିକି ଯେ ଜଣେ ମହାପୁରୁଷଙ୍କ ଉପଦେଶରେ ଜଣେ ଚୋର ଚୋରି କରିବା ଛାଡ଼ି ଅଲ୍ଲାଃତାଲାଙ୍କ ଉପରେ ଭରସା ଓ ଧର୍ମନିଷ୍ଠତା ଅବଲମ୍ବନ କଲା, ତେବେ ତାଙ୍କର ଆବଶ୍ୟକତାଗୁଡ଼ିକ ଅଦୃଶ୍ୟରୁ ପୂରଣ ହେବାକୁ ଲାଗିଲା । ପବିତ୍ର କୁରଆନର ଆୟତଗୁଡ଼ିକ ତାଙ୍କ ହୃଦୟରେ ଈଶ୍ୱରଙ୍କ ମହାନତା ଓ ପରିଚୟକୁ ଏପରି ବଢାଇ ଦେଲା ଯେ ସେ ଈଶ୍ୱରପ୍ରେମରେ ବିଭୋର ଓ ବ୍ୟଗ୍ର ହୋଇ ପଡିଲେ । ଏହି ଘଟଣା ଶିକ୍ଷା ଦିଏ ଯେ **ସତ୍ୟ ତୱକୁଲ୍ ଏବଂ ଧର୍ମନିଷ୍ଠକୁ ଈଶ୍ୱରଙ୍କ ସାନ୍ନିଧ୍ୟ ଓ ପରିଚୟର ଏପରି ସ୍ଥାନରେ ପହଞ୍ଚାଇ ଥାଏ, ଯେଉଁଠାରେ ଦୁନିଆର ଆବଶ୍ୟକତାଗୁଡ଼ିକ ମଧ୍ୟ ତାଙ୍କ କୃପାରୁ ପୂର୍ଣ୍ଣ ହୋଇଥାଏ** ।

ହୁଜୁର[ଅ.ସ] କୁହନ୍ତି; ଲୋକମାନେ ସାଧାରଣତଃ କହିଥା'ନ୍ତି ଯେ ପିଲାମାନଙ୍କୁ, ବିଶେଷ କରି ଛୋଟ ପିଲାମାନଙ୍କୁ ଅଧିକ ଗୂଢ଼ ପ୍ରସଙ୍ଗଗୁଡ଼ିକ ବୁଝା ପଡି ନଥାଏ । କିନ୍ତୁ ହଜରତ ମସିହ ମଉଦ[ଅ.ସ] ହଜରତ ମୁସଲେହ ମଉଦ[ର.ଅ]ଙ୍କୁ ଯେତେବେଳେ ତାଙ୍କ ବୟସ ମାତ୍ର ନଅ ବର୍ଷ ଥିଲା, ଏହି କାହାଣୀ ଶୁଣାଇ ଥିଲେ । ନିଶ୍ଚିତ ରୂପେ ହୁଜୁର[ଅ.ସ] ହଜରତ ମୁସଲେହ ମଉଦ[ର.ଅ]ଙ୍କ ବୁଦ୍ଧିଜ୍ଞାନ ଅନୁଯାୟୀ ଏହି କାହାଣୀ ଶୁଣାଇ ଥିବେ । ମହାଭାଗଙ୍କୁ ଏକଥା ଜଣା ଥିବ ଯେ ସେ ଏକଥା ବୁଝିଯିବେ । ସେ ଶୈଶାବାବସ୍ଥାରେ ଅଛନ୍ତି ସତ କିନ୍ତୁ ଏହା ମଧ୍ୟ ଆପଣଙ୍କ ଦୃଷ୍ଟିରେ ଥିବ ଯେ ପିଲାଦିନୁ ହିଁ ପିଲାମାନଙ୍କ ମଧ୍ୟରେ **ତୱକ୍କୁଲ୍‌**ର ମହତ୍ୱ ସୃଷ୍ଟି କରାଯିବା ଉଚିତ୍ । ତେଣୁ ଏହି ପ୍ରଶିକ୍ଷଣର ନୀତିଗୁଡ଼ିକ ଆମ ସମସ୍ତଙ୍କ ପାଇଁ ମାର୍ଗଦର୍ଶକ । ଯୁଗାବତାର ହଜରତ ମସିହ ମଉଦ[ଅ.ସ] କହୁଥିଲେ; ମୋ ମତରେ ସବୁଠାରୁ ବଡ **ମୁଶ୍ରିକ୍** (ଅନେକେଶ୍ୱରବାଦୀ) ହେଉଛନ୍ତି ରସାୟନବିତ୍ । ସେମାନେ ଜୀବିକାର ସନ୍ଧାନରେ ଏପରି ଭାବରେ

ଏଣେତେଣେ ବୁଲନ୍ତି, ଆଉ ସେହି ମାଧ୍ୟମଗୁଡ଼ିକୁ ବିନିଯୋଗ କରନ୍ତି ନାହିଁ, ଯାହା ଜୀବିକା ପ୍ରାପ୍ତି ପାଇଁ ଅଲ୍ଲାଃତାଲା ବୈଧ ଭାବରେ ନିର୍ଦ୍ଧାରିତ କରିଛନ୍ତି... । ହୁଜୁର[ଅ.ସ] କହିଲେ; ଧର୍ମନିଷ୍ଠତା ଏପରି ଏକ ପ୍ରସଙ୍ଗ ଯାହାକୁ ତାହା ପ୍ରାପ୍ତ ହୁଏ, ତାଙ୍କୁ ଯେପରି ସମସ୍ତ ଜଗତର ଆଶୀର୍ବାଦ ଲାଭ ହୋଇଗଲା । ମନେରଖନ୍ତୁ! **ମୁତତ୍‌କୀ (ଧର୍ମପରାୟଣ) କେବେବି କାହା ଉପରେ ନିର୍ଭରଶୀଳ ହୁଏ ନାହିଁ** । ବରଂ ସେ ଏପରି ଏକ ସ୍ଥାନରେ ଥାଏ ଯେ ସେ ଯାହା ଚାହେଁ, ଈଶ୍ୱର ତାଙ୍କୁ ପୂର୍ବରୁ ହିଁ ପ୍ରଦାନ କରି ଦେଇଥା'ନ୍ତି । ହୁଜୁର[ଅ.ସ] ଆହୁରି କହିଲେ; ମୁଁ ଏକ **କଶଫ୍** (ଅର୍ଦ୍ଧଚେତନ ଅବସ୍ଥାରେ ଦିବ୍ୟସ୍ୱପ୍ନ)ରେ ଅଲ୍ଲାଃତାଲାଙ୍କୁ ଦେଖିଲି ଯେ ଈଶ୍ୱର ମୋ ଗଳାରେ ହାତ ପକାଇ କହୁଛନ୍ତି, "ଯଦି ତୁ ମୋର ହୋଇଯାଉ ତେବେ ସମସ୍ତ ଜଗତ ତୁମର ହୋଇଯିବ ।"

ସୁତରାଂ ଏହା ହେଉଛି ସେହି ସୂତ୍ର ଯାହା ସମସ୍ତ ନବୀ, ଓ୍ୱଲି ଓ ଧର୍ମାତ୍ମାମାନଙ୍କ ଦ୍ୱାରା ପରୀକ୍ଷିତ । ନିର୍ବୋଧ ଲୋକମାନେ ଏହାକୁ ଛାଡ଼ି ଚେରମୂଳୀର ସନ୍ଧାନରେ ଏଣେତେଣେ ବୁଲନ୍ତି । ଏତେ ପରିଶ୍ରମ ଯଦି ସେମାନେ ଏହି ଚେରମୂଳୀଗୁଡ଼ିକୁ ସୃଷ୍ଟି କରୁଥିବା ସର୍ବବ୍ୟାପୀ ଈଶ୍ୱରଙ୍କ ପାଇଁ କରିଥା'ନ୍ତେ, **ତେବେ ସେମାନେ ନିଜ ମନର ସମସ୍ତ ଇଚ୍ଛା ଲଭି ନେଇଥା'ନ୍ତେ** । ହଜରତ ମସିହ ମଉଦ[ଅ.ସ] କୁହନ୍ତି; ପାଦ୍ରୀ ଅବ୍ଦୁଲ୍ଲାଃ ଆଥମ୍ ପାଇଁ ୧୫ମାସର ଭବିଷ୍ୟତ ବାଣୀ ଥିଲା । ଯେତେବେଳେ ଉକ୍ତ ସମୟସୀମା ପାରି ହେବାକୁ ଯାଉଥିଲା ସେତେବେଳେ କେତେକ ବନ୍ଧୁ କାନ୍ଦି କାନ୍ଦି ପ୍ରାର୍ଥନା କରୁଥିଲେ, ଯେ ଆଥମ ମରିଯାଉ । କିନ୍ତୁ ହୁଜୁର[ଅ.ସ] ବନ୍ଧୁମାନଙ୍କର ଏହି କାର୍ଯ୍ୟକୁ ପସନ୍ଦ କଲେ ନାହିଁ ଏବଂ କହିଲେ; କ'ଣ କାହାର ଈଶ୍ୱରଙ୍କ ଠାରୁ ମଧ୍ୟ ବଳି ତାଙ୍କ ବାଣୀ ପାଇଁ ଅଭିମାନ ରହିପାରେ ? ଦେଖ ଅଲ୍ଲାଃତାଲା ଯେତେବେଳେ ଏହି କଥା କହିଛନ୍ତି ଯେ ଏପରି ହେବ, ତେବେ ଆମର ବିଶ୍ୱାସ ରଖିବା ଉଚିତ୍ ଯେ ଏପରି ନିଶ୍ଚୟ ଘଟିବ... । **ଆମର କାମ କେବଳ ଏତିକି ଯେ ଯେତେବେଳେ ଆମେ ଜଣେ ବ୍ୟକ୍ତିଙ୍କୁ ନ୍ୟାୟପରାୟଣ ବୋଲି ମାନି ନେଇଛୁ, ତେବେ ତାଙ୍କ କଥା ଉପରେ ଦୃଢ଼ ବିଶ୍ୱାସ ରଖିବା** ।

ଅବ୍ଦୁଲ୍ଲାଃ ଆଥମ୍ ସହିତ ଆଲୋଚନା ମସୟରେ ଯେତେବେଳେ ଏପରି କିଛି ପ୍ରଶ୍ନ ରଖାଗଲା ଯାହାର ଉତ୍ତର କେତେକ ବନ୍ଧୁଙ୍କ ଦୃଷ୍ଟିରେ କଷ୍ଟସାଧ୍ୟ ଥିଲା । ଆଉ ସେମାନଙ୍କ ବିଚାରରେ ସେହି ଉତ୍ତର ପାଇଁ ପରାମର୍ଶ କରାଯାଇ ପାରିଥା'ନ୍ତା । ଏଭଳି ପରିସ୍ଥିତିରେ ଲାଭଦାୟକ ପ୍ରସଙ୍ଗ ବା ସନ୍ଦର୍ଭ ଅନ୍ୱେଷଣ କରି ହୁଜୁର[ଅ.ସ]ଙ୍କ ସେବାରେ ନିବେଦନ କରାଗଲା ଯେ ହୁଜୁର! ଆଗାମୀ ଆଲୋଚନାରେ ଏହି ବିଷୟରେ ପରାମର୍ଶ କରାଯାଇ ପାରିବ । ଏଥିରେ ହଜରତ ମସିହ ମଉଦ[ଅ.ସ] ସ୍ମିତହାସ୍ୟ ପ୍ରକାଶ କରି କହିଲେ; ଆମ୍ଭର ପ୍ରାର୍ଥନା ହିଁ ଯଥେଷ୍ଟ । ହଜରତ ମିର୍ଜା ବଶିର୍ ଅହମଦ ସାହେବ[ର.ଅ] ଉଲ୍ଲେଖ କରିଛନ୍ତି, ନବୀମାନେ ଅଧିକାଂଶ କାର୍ଯ୍ୟରେ ପରାମର୍ଶ ନିଅନ୍ତି ଏବଂ ସେମାନଙ୍କ ଠାରୁ ବଳି କେହି ପରାମର୍ଶ କରି ନଥା'ନ୍ତି । **କିନ୍ତୁ କେତେକ ଏଭଳି ସମୟ ଆସେ ଯେଉଁଥିରେ ଅନ୍ୟ ମାଧ୍ୟମଗୁଡ଼ିକୁ ଛାଡ଼ି ସେମାନେ କେବଳ ଈଶ୍ୱରଙ୍କ ସାହାଯ୍ୟ ଉପରେ ଭରସା କରିବାକୁ ପସନ୍ଦ କରନ୍ତି** ।

ଯେତେବେଳେ ହୁଜୁର[ଅ.ସ] 'ଆୟୀନା କମାଲାତେ ଇସଲାମ୍'ର ଆରବୀ ଅଂଶ ରଚନା କରୁଥିଲେ ସେତେବେଳେ ଆପଣ ଦୁଇ ପୃଷ୍ଠା ବିଶିଷ୍ଟ ଏକ ବଡ ଲେଖା ହଜରତ ମୌଲବୀ ହକିମ୍ ନୁରୁଦ୍ଦିନ ସାହେବ[ର.ଅ]ଙ୍କୁ ଦେଲେ, ଯେପରି ସେ ହଜରତ ମୌଲବୀ ଅବ୍ଦୁଲ୍ କରିମ୍ ସିୟାଲକୋଟୀ[ର.ଅ]ଙ୍କୁ ଫାର୍ସୀ ଅନୁବାଦ କରିବାକୁ ଯୋଗାଇ ଦେବେ । ତାହା ଏପରି ଏକ ବିଷୟବସ୍ତୁ ଥିଲା, ଯେ ତାହାର ଗହ୍ୱର ତତ୍ତ୍ୱ ଓ ମାର୍ମିକ ପ୍ରସାରତା ଉପରେ ହୁଜୁର[ଅ.ସ]ଙ୍କୁ ଗର୍ବ ଥିଲା ଯେ ଅଲ୍ଲାଃତାଲା ବହୁତ ଭଲ ବିଷୟବସ୍ତୁ ବୁଝାଇ ଦେଇଛନ୍ତି । କିନ୍ତୁ ହଜରତ ମୌଲବୀ ହକିମ୍ ନୁରୁଦ୍ଦିନ ସାହେବ[ର.ଅ]ଙ୍କ ଠାରୁ ସେହି ଦୁଇଟି ପୃଷ୍ଠା କେଉଁଠି ଖସି ପଡିଲା । ଯେତେବେଳେ ସେହି ପୃଷ୍ଠା ଦୁଇଟି ବିଷୟରେ ମୌଲବୀ ଅବ୍ଦୁଲ୍ କରିମ୍ ସାହେବ ତାଙ୍କୁ ପଚାରିଲେ ସେତେବେଳେ ହଜରତ ମୌଲବୀ ସାହେବଙ୍କ ମୁଖର ରଙ୍ଗ ଫିକା ପଡିଗଲା । ଖୁବ୍ ସଂଧାନ କରାଗଲା କିନ୍ତୁ ତାହା ମିଳିଲା ନାହିଁ । ଯେତେବେଳେ ହୁଜୁର[ଅ.ସ] ଏକଥା ଜାଣିବାକୁ ପାଇଲେ ସେତେବେଳେ ହୁଜୁର ସ୍ମିତହାସ୍ୟ ପ୍ରକାଶ କରି ବାହାରକୁ ଆସିଲେ ଏବଂ କ୍ରୋଧ କିମ୍ବା ବ୍ୟତିବ୍ୟସ୍ତ ହେବା ତ ଦୂରର କଥା, ଓଲଟା ନିଜ ପକ୍ଷରୁ କ୍ଷମା ପ୍ରାର୍ଥନା କରିବାକୁ ଲାଗିଲେ ଯେ ମୌଲବୀ ସାହେବଙ୍କୁ ହସ୍ତଲିପି ହଜିଯିବା କାରଣରୁ ଚିନ୍ତା ହେଲା ।

ମୌଲବୀ ସାହେବଙ୍କ କଷ୍ଟ ପାଇଁ ମୋତେ ବହୁତ ଦୁଃଖ ଲାଗୁଛି । ମୋର ତ ଏହି ବିଶ୍ୱାସ ରହିଛି ଯେ ଅଲ୍ଲାଃତାଲା ନିଜ କୃପାରୁ ହଜି ଯାଇଥିବା କାଗଜ ଠାରୁ ମଧ୍ୟ ଭଲ ବିଷୟବସ୍ତୁ ଲେଖିବାର ସୌଭାଗ୍ୟ ପ୍ରଦାନ କରିବେ ।

ହଜରତ ମସିହ ମଉଦ[ଅ.ସ] କହିଛନ୍ତି; ଯେଉଁ ବ୍ୟକ୍ତି ନମ୍ରତା ଓ ସନ୍ତୋଷ ସହିତ ଇସଲାମର ସେବା କରେ, ସେ ଏକ ଚମ୍‌କାର ଓ ନିଦର୍ଶନ ପାଲଟିଯାଏ । ଯେଉଁ ବ୍ୟକ୍ତି ଭିଡ଼ ଅର୍ଥାତ୍ ଜନସମୂହ ସହ ଏପରି କରେ, ତାହାର ଆନନ୍ଦ ମିଳେ ନାହିଁ । କାରଣ **ତଓ୍ୱକ୍କୁଲ୍** (ଭରସା)ର ପ୍ରକୃତ ଆନନ୍ଦ ରହେ ନାହିଁ ଏବଂ ଯେତେବେଳେ **ତଓ୍ୱକ୍କୁଲ୍**ର ସହିତ କାର୍ଯ୍ୟ କରାଯାଏ ସେତେବେଳେ ଅଲ୍ଲାଃ ସାହାଯ୍ୟ କରନ୍ତି ତଥା ଏହି କଥାଗୁଡ଼ିକ ଆଧ୍ୟାତ୍ମିକତାରୁ ଉତ୍ପନ୍ନ ହୁଏ । ହୁଜୁର[ଅ.ସ] କହିଲେ; ପ୍ରକୃତରେ **ତଓ୍ୱକ୍କୁଲ୍** ହିଁ ଏପରି ଏକ ପ୍ରସଙ୍ଗ ଯାହା ମନୁଷ୍ୟକୁ ସଫଳ ଓ ସୌଭାଗ୍ୟଶାଳୀ କରିଥାଏ । ପରାକ୍ରମୀ ଅଲ୍ଲାଃ କହନ୍ତି; **ଯିଏ ଆମ୍ଭ ଉପରେ ତଓ୍ୱକ୍କୁଲ୍ କରିବ, ଆମ୍ଭେ ତାହା ପାଇଁ ଯଥେଷ୍ଟ ହୋଇଯାଉ** । କିନ୍ତୁ ସର୍ତ୍ତ ଏହିକି ଯେ ସଚ୍ଚୋଟ ହୃଦୟର ସହ **ତଓ୍ୱକ୍କୁଲ୍**ର ପ୍ରକୃତ ଅର୍ଥ ବୁଝି ପାଦ ରଖିବା ଉଚିତ୍ ଏବଂ ଧୈର୍ଯ୍ୟବାନ ଓ ସ୍ଥିରମନା ହେବା ଉଚିତ୍ । ସମସ୍ୟା କିମ୍ବା କଷ୍ଟକୁ ଭୟ କରି ପଶ୍ଚାତପଦ ଦେବା ଉଚିତ୍ ନୁହେଁ ।

ହୁଜୁର[ଅ.ସ] କହିଲେ; ଯଦି ମନୁଷ୍ୟ ଉପରେ ଧର୍ମର ଚିନ୍ତା ପ୍ରଭାବ ପକାଏ ତେବେ ସଂସାର ବ୍ୟାପାର ପାଇଁ ପରମେଶ୍ୱର ସ୍ୱୟଂ ଆଗେଇ ଆସନ୍ତି । ଦୁଃଖର କଥା ଯେ ବଡ ବଡ ବିପର୍ଯ୍ୟୟ ପ୍ରତିଦିନ ଘଟୁଛି, କିନ୍ତୁ ଲୋକମାନେ ଏପରି ଯେ ସେମାନେ ପରୁଆ କରୁ ନାହାନ୍ତି । ମୁସା[ଅ.ସ]ଙ୍କ ଅସ୍ୱୀକାରୀମାନେ ମଧ୍ୟ ଏମାନଙ୍କ ଠାରୁ ଭଲ ଥିଲେ, ଯେତେବେଳେ ସେମାନଙ୍କ ଉପରେ ବିପତ୍ତି ଆସୁଥିଲା ସେତେବେଳେ ସେମାନେ ଧ୍ୟାନ ଦେଉଥିଲେ ଓ କହୁଥିଲେ ଯଦି ଏହା ଟଳିଯାଏ ତେବେ ଆମେ ମାନିନେବୁ । କିନ୍ତୁ ଆଜିକାଲିର ଅମାନ୍ୟକାରୀମାନେ ସେମାନଙ୍କ ଅପେକ୍ଷା ଅଧିକ କଠୋର ପ୍ରବୃତ୍ତିର ଯେ ନୂଆ ନୂଆ ଶାସ୍ତି ଓ ଈଶ୍ୱରଙ୍କ କୋପ ଅବତୀର୍ଣ୍ଣ ହେଉଛି । କିନ୍ତୁ ଏମାନେ ଏଥିପ୍ରତି କାନ ଦେଉ ନାହାନ୍ତି ଅର୍ଥାତ୍ ସେମାନଙ୍କ ଉପରେ କୌଣସି ପ୍ରଭାବ ପଡୁ ନାହିଁ । ଅଲ୍ଲାଃତାଲାଙ୍କର ପୁରାତନ ପ୍ରତିଶୃତି ଥିଲା ଯେ ଶେଷ ଯୁଗରେ ଏକ ପ୍ରକାରର **ଅଜାବ୍** (ଶାସ୍ତି) ଅବତୀର୍ଣ୍ଣ ହେବ, ସେହି ସମୟରେ କେତେକ ସତ୍‌ମାର୍ଗ ପାଇଯିବେ ଓ ଅଧିକାଂଶ ନଷ୍ଟ ହେବେ । ନିଦର୍ଶନ ତ ଈଶ୍ୱର ଦେଖାନ୍ତି, କିନ୍ତୁ ସେଥିରୁ କେବଳ ସେହିମାନେ ଲାଭବାନ ହୁଅନ୍ତି ଯେଉଁମାନେ ବିଶ୍ୱାସୀ ହୋଇଥା'ନ୍ତି ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଅଲ୍ଲାଃତାଲା ଏହି ସଂସାରପ୍ରେମୀମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ, ଯେ ସେମାନେ ଅଲ୍ଲାଃତାଲାଙ୍କ ଆଡ଼କୁ ଫେରି ଆସନ୍ତୁ ଏବଂ ନିଜର ଇହ ଓ ପରକାଳକୁ ସଜାଡ଼ି ନିଅନ୍ତୁ । ଆଉ ଆମେ ଯେଉଁମାନେ ହଜରତ ମସିହ ମଉଦ[ଅ.ସ]ଙ୍କୁ ଗ୍ରହଣ କରିଛେ, ଆମକୁ ମଧ୍ୟ ଈଶ୍ୱର ବିଶ୍ୱାସ ଓ ଦୃଢ଼ତା ବୃଦ୍ଧି କରନ୍ତୁ । ଆମେ ପ୍ରାର୍ଥନା କରିବା ସହିତ **ତଓ୍ୱକ୍କୁଲ୍**ର ଉଚ୍ଚ ସ୍ତର ହାସଲକାରୀ ହେଉ ଓ ତହିଁରେ ଆଗକୁ ବଢ଼ି ଚାଲିଥାଉ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

9th October 2026

*Translated to Odia by :* Moulavi Anwar Ahmad Khan